ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୮ ଜୁଲାଇ, ୨୦୨୩



## ଆଜି କ'ଣ କେଉଁଠି

କ.ନୂଆଗାଁ

- ଭାଜପାର ଜନସମ୍ପର୍କ ଯାତ୍ରା। ସ୍ଥାନ– ମହାମାୟୀ କଲ୍ୟାଣ ମଣ୍ଡପ, ସମୟ– ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଘରୁ ସୁନାଗହଣା, ଟଙ୍କା ଚୋରି

**ବ୍ରହ୍ମପୁର,୭।୭ (ସୁବାସ ଚନ୍ଦ୍ର ପାଢ଼ୀ):** ସହରରେ ଲୁଟିଆ ଗ୍ୟାଙ୍ଗ ସକ୍ରିୟ ରହିଛନ୍ତି। ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ମୟୂରୀବିହାରରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରେ ଲୁଟେରା କଳାକାନା ବୁଲାଇଛନ୍ତି। ଏ ନେଇ ଗୃହକର୍ତ୍ତା ଅନିଲ କୁମାର ପାଣିଗ୍ରାହୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଅନିଲ ଓ ତାଙ୍କ ପରିବାର ଏକ ଫ୍ଲାଟର ତଳ ମହଲାରେ ରୁହନ୍ତି। ଗୁରୁବାର ରାତିରେ ଘରର ସମସ୍ତ ସଦସ୍ୟ ଶୋଇଥିଲେ। ଶୁକ୍ରବାର ଭୋର ୪ଟାରେ ଅନିଲ ଉଠିବାରେ ଘରେ ଥିବା ଆଲମୀରା ଖୋଲାଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଝରକା ଗ୍ରୀଲ ତାଡ଼ି ଲୁଟିଆମାନେ ଘରେ ପଶି ଚୋରି କରିଥିବା ସେ ସନ୍ଦେହ କରୁଛନ୍ତି। ଆଲମିରାରୁ ୨୦ଗ୍ରାମର ସୁନା ଗହଣା, ରୁପା ସାମଗ୍ରୀ ଓ ୩୦ ହଜାର ଟଙ୍କା ଚୋରି ହୋଇଥିବା ଅନିଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୮୦/୨୩ ରେ ଏକ ମାମଲା ରୁଜୁ କରିବା ସହ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

### ନକଲି ଡିଏସ୍‌ପି ଗିରଫ

**କବିସୂର୍ଯ୍ୟନଗର, ୭।୭ (କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗର ପୋଲିସ ଦ୍ୱାରା ଜଣେ ନକଲି ଡିଏସପି ଗିରଫ ହୋଇଛନ୍ତି। ଭୁବନେଶ୍ୱରରୁ ତାଙ୍କୁ ଗିରଫ କରାଯାଇଛି। ସେ ହେଉଛନ୍ତି ଡେଙ୍ଗାପଦର ଗାଁର ପ୍ରଦିପ କୁମାର ବିଶ୍ୱାଳ। ନିଜକୁ ଜଣେ ଡିଏସପି ପରିଚୟ ଦେଇ ବିଏମସିରେ ଚାକିର କରାଇଦେବାକୁ କହି ଲୋକଙ୍କୁ ଠକୁଥିଲେ। କବିସୂର୍ଯ୍ୟନଗର ସହରର ବୃନ୍ଦାବନଚନ୍ଦ୍ରପୁର ଶାସନର ଜଣେ ବ୍ୟକ୍ତିଙ୍କ ଠାରୁ ଚାକିର କରାଇଦେବାକୁ କହି ୪ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ତାଙ୍କୁ ଶୁକ୍ରବାର ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି କବିସୂର୍ଯ୍ୟନଗର ଥାନା ଅଧିକାରୀ ପ୍ରଭାତ ସାହୁ।

### ସ୍ତ୍ରୀଙ୍କୁ ନିର୍ଯାତନା ସହ ହତ୍ୟା ଉଦ୍ୟମ, ସ୍ୱାମୀ ଜେଲ ଗଲେ

**ଦିଗପହଣ୍ଡି,୭।୭(ଅଶେଷନାଥ ମିଶ୍ର):** ଦିଗପହଣ୍ଡି ପୋଲିସ ଶୁକ୍ରବାର କଇଠଡ଼ା ଗ୍ରାମର ଏସ.ନାଲେୟା ରେଡ୍ଡୀଙ୍କୁ ଥାନା ମାମଲା ନଂ.୨୪୦/୨୩ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ନାଲେୟା ତାଙ୍କ ସ୍ତ୍ରୀ ଏସ.ଆରତୀ ରେଡ୍ଡୀଙ୍କୁ ଯୌତୁକ ପାଇଁ ବହୁ ଦିନ ହେଲା ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ଗୁରୁବାର ସକାଳେ ନାଲେୟା ଏକ କାତିରେ ତାଙ୍କ ସ୍ତ୍ରୀଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ସାହି ପଡୋଶୀ ପହଞ୍ଚି ଆରତୀଙ୍କୁ ଉଦ୍ଧାର କରିଥିଲେ। ଏନେଇ ଆରତୀ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତାଙ୍କୁ ଗିରଫ କରିଥିଲା।

# ୧୬ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍

## ସରକାରୀ କାର୍ଯ୍ୟରେ ଅବହେଳା

**ଛତ୍ରପୁର,୭।୭(ସନ୍ତୋଷ ପାଢୀ)**

ଗଞ୍ଜାମ ଜିଲାରେ ପିଏମ୍‌ଜିଏସ୍‌ୱାଇ (ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା)ରେ ରାସ୍ତା ନିର୍ମାଣ ବିଳମ୍ବ ଯୋଗୁ ୧୨ ଜଣ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ପିଏମ୍‌ଜିଏସୱାଇ ରାସ୍ତାର ରକ୍ଷଣାବେକ୍ଷଣ ୫ ବର୍ଷ ପର୍ଯ୍ୟନ୍ତ ହେବାର ନିୟମ ଅଛି। ଏହି ସରକାରୀ କାର୍ଯ୍ୟରେ ଅବହେଳା ଲାଗି ଗଞ୍ଜାମ ଜିଲାର ୧୬ ଜଣ ଯନ୍ତ୍ରୀଙ୍କୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ସୂଚନା ମିଳିଛି । ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ଚିଠି ଦ୍ୱାରା ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏଥିମଧ୍ୟରୁ କେତେକ ଯନ୍ତ୍ରୀ ଉକ୍ତ ନୋଟିସର ଉତ୍ତର ଦେଇଥିବା ଜଣାପଡିଛି। ଗଞ୍ଜାମ ଜିଲାରେ ନିର୍ମାଣ ହୋଇଥିବା ପ୍ରଧାନମନ୍ତ୍ରୀ ସଡ଼କର ରକ୍ଷଣାବେକ୍ଷଣ କାର୍ଯ୍ୟ ଠିକ୍ ଭାବେ ହେଉନଥିବା ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସମୀକ୍ଷା ବେଳେ ଜଣାପଡିଥିଲା। ଏହାପରେ ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ମିଳିଥିବା ସୂଚନା ଅନୁସାରେ, ବ୍ରହ୍ମପୁରସ୍ଥିତ ଗ୍ରାମ୍ୟ ନିର୍ମାଣ ଡିଭିଜନ ଗଞ୍ଜାମ–୧ର ୬ ଜଣ ଯନ୍ତ୍ରୀଙ୍କୁ ଅଧୀକ୍ଷଣ ଯନ୍ତ୍ରୀ କାରଣ ଦର୍ଶାଅ ନୋଟିସ ଜାରି କରିଥିବାବେଳେ ଗଞ୍ଜାମ–୨ର ୧୦ ଜଣ ଯନ୍ତ୍ରୀଙ୍କୁ ବ୍ରହ୍ମପୁରସ୍ଥିତ ଗ୍ରାମ୍ୟ ନିର୍ମାଣ ମଣ୍ଡଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ପକ୍ଷରୁ ଏହି ନୋଟିସ୍ ପଠାଯାଇଥିଲା। ପୋଲସରା, କୋଦଳା, ବୁଗୁଡା, ପୁରୁଷୋତ୍ତମପୁର ଗ୍ରାମ୍ୟ ନିର୍ମାଣ ଆରଡବ୍ଲ୍ୟୁ ସେକ୍ସନର କନିଷ୍ଠ ଯନ୍ତ୍ରୀ, ପୋଲସରା ଓ କୋଦଳା ଆରଡବ୍ଲ୍ୟୁ ସେକ୍ସନର ସହକାରୀ ନିର୍ବାହୀ ଯନ୍ତ୍ରୀ, ଦିଗପହଣ୍ଡିର ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ, କବିସୂର୍ଯ୍ୟନଗର ଆରଡବ୍ଲ୍ୟୁ ସେକ୍ସନର କନିଷ୍ଠ ଯନ୍ତ୍ରୀ, ଛତ୍ରପୁର ବ୍ରହ୍ମପୁର, ହଞ୍ଜିଳି ଓ ଦିଗପହଣ୍ଡି ସହକାରୀ ନିର୍ବାହୀ ଯନ୍ତ୍ରୀ, ଗଞ୍ଜାମ, ପାତ୍ରପୁର, ଗୋପାଳପୁର ଓ କୁକୁଡାଖଣ୍ଡି ଗ୍ରାମ୍ୟ ନିର୍ମାଣ ସେକ୍ସନର କନିଷ୍ଠ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ହୋଇଛି।

### ୩ ଠିକାଦାରଙ୍କୁ ଚୁକ୍ତି ସମାପ୍ତି ନୋଟିସ୍

ଗଞ୍ଜାମ ଜିଲାରେ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେବାରେ ଲାଗିଛି। ନିର୍ମାଣ କାର୍ଯ୍ୟ ସମାପ୍ତିର ଅବଧି ସରିଯାଇଥିଲେ ହେଁ କାମ ସରିନି । କେଉଁଠି ଅଧାପନ୍ତରିଆ ତ ଆଉ କେଉଁଠି ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଛି । ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ୩ ଜଣ ଠିକାଦାରଙ୍କୁ ସେମାନଙ୍କ କାମ ନେଇଥିବା ଚୁକ୍ତିର ସମାପ୍ତି ପାଇଁ ଚୂଡାନ୍ତ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ବ୍ରହ୍ମପୁରସ୍ଥିତ ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ର ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଏସବିଡି କ୍ଲଜ୍ ୫୨.୨ (ଏଓଏଚ୍ ) ଆଧାରରେ ଏହି ନୋଟିସ୍ ହୋଇଛି । କାହିଁକି ଚୁକ୍ତି ସମାପ୍ତି କରାଯିବନି ସେନେଇ ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ଏନଏଚ୍-୩୨୬ ପୁଡାମାରି-ତେଲାପଲ୍ଲୀ ପିଡବ୍ଲ୍ୟୁଡି ରୋଡ୍ ଭାୟା ଖଇରପଦର-ଗୁଣ୍ଡୁରିଗୁଡା-ହାରିନା-ବି.ଆଦିକନ୍ଦପୁର, ତେଲାପଲ୍ଲୀ ପିଏମଜିଏସୱାଇ ରାସ୍ତା ଜୁନ୍ ୮ ତାରିଖରେ ସରିବାର ଥିଲା । ମାତ୍ର ଏବେସୁଦ୍ଧା ଏହି ରାସ୍ତାର ୪୪.୩୧ ପ୍ରତିଶତ ନିର୍ମାଣ କାମ ସରିଛି। ସେହିପରି ଏନଏଚ୍-୧୧୦ ଆଙ୍କୁଶପୁର-ଶକ୍ତିନଗର-ଶ୍ରୀମାନଗର ଭାୟା ମାସିଆଖଲି-ପିକେସିଏଚ୍‌ପୁର-ବୋରିଗାଁ-ନିମଖଣ୍ଡି-ଲୋଚାପଡା ରାସ୍ତା ନିର୍ମାଣ ୨୦୨୨ ଅଗଷ୍ଟ ୭ ତାରିଖରେ ସରିବାର ଥିଲା । ମାତ୍ର ଏବେ ସୁଦ୍ଧା ମାତ୍ର ୪୮.୭୪ ପ୍ରତିଶତ ନିର୍ମାଣ କାର୍ଯ୍ୟ ସରିଛି । ଏଥିଲାଗି ଚୁକ୍ତି ସମାପ୍ତି ପାଇଁ ନୋଟିସ ହୋଇଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଆଦିତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ନାଗରିକ ସମ୍ବର୍ଦ୍ଧନା




ଜିଲା ଯୋଜନା କମିଟି ଅଧ୍ୟକ୍ଷ ଓ ଅନ୍ୟମାନେ ।

**ବ୍ରହ୍ମପୁର,୭।୭(ନରସିଂହ ସାହୁ)**

ଗଞ୍ଜାମ ଜିଲା ଯୋଜନା କମିଟିର ନୂଆ ଅଧ୍ୟକ୍ଷ ହୋଇଥିବା ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ବ୍ରହ୍ମପୁରରେ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଡାଇମଣ୍ଡ ଜୁବୁଲି ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଡେପୁଟି ମେୟର ଇଂ.ବିବେକ ରେଡ଼ି ପ୍ରମୁଖ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, କର୍ପୋରେଟର ସୁରେନ୍ଦ୍ର ମହାରଣା, ସଂଜିତ ପାଣିଗ୍ରାହି, ମଳୟ ବିଶୋୟୀ, ସମୀର ମିଶ୍ର, ସୋନାଲି ଗନ୍ତାୟତ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ବିଜେଡି ଉପସଭାପତି ଭଗବାନ ଗନ୍ତାୟତ, ଯୁବ ବିଜେଡି ନେତା ଅଜିତ ପଣ୍ଡା, ମଦନ ଦଳେଇ, ବିଜେଡି ଜିଲା ଉପସଭାପତି ଭୀମସେନ ଦଳେଇ, ଗଞ୍ଜାମ ବଣିକ ସଂଘ ସମେତ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ରମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ପ୍ରଥମେ ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଦ୍ୱିତୀୟରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଓ ପରେ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ହୋଇଥିଲେ। ନାଗରିକ ସମ୍ବର୍ଦ୍ଧନା ଦିଆଯିବାରେ ଏହା ପ୍ରଥମ।

## ଇଟା ଚଢ଼ାଉ କରିବାକୁ ଯାଇ ତହସିଲଦାର ହଟହଟ୍ଟା

**ବେଗୁନିଆପଡ଼ା,୭।୭(ସୁଶାନ୍ତ ପଟ୍ଟନାୟକ)**

ଗଞ୍ଜାମ ଜିଲା କୋଦଳା ତହସିଲ ଅନ୍ତର୍ଗତ ଶାଳବଣ ଠାରେ ଶୁକ୍ରବାର ତହସିଲଦାର ବେଆଇନ ଇଟା ଚାଲାଣ ଉପରେ ଚଢାଉ କରିବାକୁ ଯାଇ ହଟ୍ଟହଟ୍ଟା ହୋଇଛନ୍ତି। ତହସିଲଦାରଙ୍କ ସହ ଷଣ୍ଢମୂଳ ରାଜସ୍ୱ ନିରୀକ୍ଷକ, ସୁମଣ୍ଡଳ ରାଜସ୍ୱ ନିରୀକ୍ଷକ ଏହି ଚଢ଼ାଉରେ ସାମିଲ୍ ଥିଲେ। ଶୁକ୍ରବାର ତହସିଲଦାର ଶାଳବଣ ଗ୍ରାମର କୃଷ୍ଣସର ସାହିରେ ହରି ବିଷୋୟୀ, ନୀଳେନ୍ଦ୍ରି ବିଷୋୟୀ, ରମା ବିଷୋୟୀ ଓ କସ୍ତୁରୀ ମହାରଣାଙ୍କ ଘର ଦାଣ୍ଡରେ ଥିବା ଇଟା ଜବତ କରିବାକୁ ଯାଇଥିଲେ। ସେମାନେ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇ ଇଟା କିଣି ଆଣି ଘର ନିର୍ମାଣ ପାଇଁ ଜମା ରଖିଥିବା ବେଳେ ତହସିଲଦାରଙ୍କ ଚଢାଉକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କେ ଫର୍ମ ଦିଅ ନଚେତ ଫାଇନ୍ ଆଦାୟ କରାଯିବ ବୋଲି ତହସିଲଦାର କହିବା ପରେ ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିବା ପରେ ତହସିଲଦାର ଚାଲି ଯାଇଥିବା ଦେଖିବାକୁ ମିଳିଛି।

# ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ଦାୟିତ୍ୱ ଗ୍ରହଣ



ନୂତନ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବ୍ରହ୍ମପୁର,୭।୭ (ସ୍ମୃତି ରଞ୍ଜନ ମହାଲିକ୍)**

ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଭାବେ ସଞ୍ଜୟ କୁମାର ସ୍ୱାଇଁ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଭୁବନେଶ୍ୱର ଅରଣ୍ୟ ଭବନସ୍ଥିତ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ସ୍ୱାଇଁ ନୂଆ ଦାୟିତ୍ୱ ଗ୍ରହଣ କରିବା ସମୟରେ ଡିଏଫଓ ରମା ରଞ୍ଜନ ପଟ୍ଟନାୟକ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଗୋଖର, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ. ଆନନ୍ଦଙ୍କ ସମେତ ଫୁଲବାଣୀ, ବାଲିଗୁଡା ବନଖଣ୍ଡ ଅଧିକାରୀ ଓ ସମସ୍ତ ଅତିରିକ୍ତ ବନ ସଂରକ୍ଷକମାନେ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଠକେଇ ଅଭିଯୋଗ, ଫ୍ଲାଟ ବିକ୍ରେତା ଗିରଫ

**ବ୍ରହ୍ମପୁର,୭।୭ (ସୁବାସ ଚନ୍ଦ୍ର ପାଢ଼ୀ)**



ଫ୍ଲାଟ ବିକ୍ରିରେ ଠକେଇ ହୋଇଛି। ଅଭିଯୋଗ ପରେ ପୋଲିସ ବିକ୍ରେତାଙ୍କୁ ଗିରଫ କରିଛି। ଫ୍ଲାଟ ବ୍ୟବସାୟୀ ଜଣେ ବ୍ୟକ୍ତିଙ୍କୁ ଫ୍ଲାଟ ବିକ୍ରି କଲେ। ହେଲେ ଏହି ଫ୍ଲାଟ୍ ଉପରେ ପୁଣି ନିଜେ ଋଣ ଆଣିଲେ। ଯାଞ୍ଚ ବେଳେ ଏହି ଗୋଟିଏ ଫ୍ଲାଟର ୩ଟି ଦଲିଲ ହୋଇଥିବା ଜଣାପଡ଼ିଛି। ତେଣୁ ଫ୍ଲାଟ୍ ବିକ୍ରି କରିଥିବା ବ୍ୟବସାୟୀ ଭିନ୍ନ ଭିନ୍ନ ଦଲିଲ ବ୍ୟାଙ୍କରେ ଉପସ୍ଥାପନ କରି ୨ଟି ବ୍ୟାଙ୍କରୁ ଋଣ ଉଠାଇଛନ୍ତି। ଏବେ ବ୍ୟାଙ୍କ ପକ୍ଷରୁ ଉକ୍ତ ଫ୍ଲାଟ୍ ନିଲାମ ହେବ ବୋଲି ନୋଟିସ ମରାଯାଇଛି। ଏପରି ଠକାମୀର ଶିକାର ହେବା ପରେ ବଡ଼ବଜାର ଥାନା ଅନ୍ତର୍ଗତ ସୋମନାଥ ନଗର ଦ୍ୱିତୀୟ ଲାଇନର ଦିଲୀପ କୁମାର ପାତ୍ର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଫ୍ଲାଟ୍ ବିକ୍ରେତା ବାବୁଲା ନାୟକଙ୍କ ବିରୋଧରେ ସେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ବାବୁଲାଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଦିଲୀପ ଏତଲାରେ ଦର୍ଶାଇଛନ୍ତି ଯେ, ୨୦୧୩ ଏପ୍ରିଲ ୧୭ରେ ବାବୁଲାଙ୍କଠାରୁ ସେ ଏକ ଫ୍ଲାଟ୍ କିଣିଥିଲେ। ଏହି ଫ୍ଲାଟ୍ ଉପରେ ସେ ସମୟରେ କିଛି ଋଣ ଥିଲା। ତାହାକୁ ସେ ପରିଶୋଧ କରିଥିଲେ। ଦିଲୀପ ଉକ୍ତ ଫ୍ଲାଟକୁ ଜଣେ ବ୍ୟକ୍ତିଙ୍କୁ ଭଡ଼ା ସୂତ୍ରରେ ଦେଲେ। ତେବେ ବ୍ୟାଙ୍କ କର୍ମଚାରୀ ଆସି ଘରେ ନୋଟିସ ମାରିଦେଇ ଯାଇଥିବା ନେଇ କିଛିଦିନ ତଳେ ଫ୍ଲାଟରେ ଭଡ଼ାରେ ରହୁଥିବା ବ୍ୟକ୍ତି ଜଣଙ୍କ ଦିଲୀପଙ୍କୁ ଫୋନ କରି ଜଣାଇଥିଲେ। ଫ୍ଲାଟ୍ ନାମରେ ଯେଉଁ ଋଣ ରହିଛି ତାହାକୁ ମାଲିକ ପରିଶୋଧ କରୁନାହାନ୍ତି। ତେଣୁ ଏହା ନିଲାମ ହେବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଥିଲା। ଦିଲ୍ଲୀପ ଏ ସମ୍ପର୍କରେ ବାବୁଲାଙ୍କୁ କହିଥିଲେ। ବାବୁଲା ବ୍ୟାଙ୍କ ଋଣ ପରିଶୋଧ କରି ମୂଳ ଦଲିଲ ଦେବେ ବୋଲି ପ୍ରତିଶ୍ରୁତି ଦେଇ ଦିଲୀପଙ୍କୁ ଭୁଆଁ ବୁଲାଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଦିଲୀପ ବାଧହୋଇ ବାବୁଲାଙ୍କ ବିରୋଧରେ ବଡ଼ବଜାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ବାବୁଲା ନାମରେ ୨୨୬/୨୩ ରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଠିକ୍ ସମୟରେ ତଦନ୍ତ ସାରି ଚାର୍ଜଶିଟ୍ ଦାଖଲ ନିର୍ଦ୍ଦେଶ

## ବ୍ରହ୍ମପୁର ପୋଲିସ ଜିଲାରେ ଅପରାଧ ସମୀକ୍ଷା

### କେସ୍ ପେଣ୍ଡିଂ ବଢ଼ିଥିବାରୁ ବିରକ୍ତି ପ୍ରକାଶ କଲେ ଏସ୍‌ପି

**ବ୍ରହ୍ମପୁର,୭।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ପୋଲିସ ଜିଲାରେ ଅପରାଧ ସମୀକ୍ଷା କରିଛନ୍ତି ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ୍। ଜିଲାରେ ପୁଣି କେସ୍ ପେଣ୍ଡିଂ ବଢ଼ିଥିବାରୁ ସେ ବିରକ୍ତି ପ୍ରକାଶ କରିଛନ୍ତି। କିଛି ଅଫିସର ଡ଼ିଲା ମାରୁଛନ୍ତି ଏବଂ କେସର ତଦନ୍ତ ସମୟ ସୀମା ଭିତରେ ସାରୁନାହାନ୍ତି। କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବାରେ ବିଳମ୍ବ କରୁଛନ୍ତି। ସେମାନଙ୍କ ଉପରେ ଏସ୍‌ପି ବିରକ୍ତି ପ୍ରକାଶ କରିବା ସହ ତାଗିଦ୍ କରିଛନ୍ତି। ଠିକ୍ ସମୟରେ ତଦନ୍ତ ସାରି ଚାର୍ଜସିଟ୍ ଦାଖଲ କରିବାକୁ ଏସପି ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେତେକ ସବ୍ ଇନ୍ସପେକ୍ଟରଙ୍କ କେସ୍ ପେଣ୍ଡିଂ ଅଧିକ ରହିଛି। ସେହିପରି ସବଇନ୍ସିପେକ୍ଟରମାନେ କେସ୍ ପେଣ୍ଡିଂ ହାର ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁର ପୋଲିସ ଜିଲାରେ ବର୍ତ୍ତମାନ ୬ଶହରୁ ଊର୍ଦ୍ଧ୍ୱ ୱାରେଣ୍ଟି ପେଣ୍ଡିଂ ରହିଛି। ସମ୍ବେଦନଶୀଳ କେସର ଶତାଧିକ ୱାରେଣ୍ଟି ଅଛନ୍ତି। ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ସହ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଥାନା ମାନଙ୍କରେ ସ୍ୱତନ୍ତ୍ର ଟିମ୍ କରାଯାଇ ୱାରେଣ୍ଟିମାନଙ୍କୁ ଗିରଫ କରିବାକୁ ନିୟୋଜିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ଆଗକୁ ନିର୍ବାଚନ ଥିବାରୁ ଅପରାଧ କିପରି ରୋକାଯାଇପାରିବ ସେଥିପ୍ରତି ନଜର ଦେବାକୁ ପରାମର୍ଶ ଦେଇଛନ୍ତି। ସମ୍ବେଦଶନଶୀଳ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପ୍ରତି ଫୋକସ କରିବାକୁ କହିଛନ୍ତି। ବ୍ରହ୍ମପୁର ପୋଲିସ ଜିଲାରେ ବୀମା ଠକେଇ ସର୍ବାଧିକ ହେଉଛି। ମୃତ ଲୋକଙ୍କ ନାମରେ ଟଙ୍କା ହଡ଼ପ ହେଉଛି। ଏହି ଠକେଇ କେମିତି କରୁଛନ୍ତି ପୋଲିସ ଅଫିସରଙ୍କୁ ଜଣାଇବା ପାଇଁ ଏକ ବ୍ୟାଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବୀମା ଠକେଇ ଏବଂ ଅନ୍ୟାନ୍ୟ ଠକେଇକୁ ରୋକିବାକୁ ମଧ୍ୟ ସମୀକ୍ଷା ବୈଠକରେ ଫୋକସ୍ କରାଯାଇଛି। ବୈଠକରେ ଏଏସ୍‌ପି ରମେଶ ଚନ୍ଦ୍ର ସେଠୀ, ଏଏସ୍ ଅସୀମ କୁମାର ପଣ୍ଡା, ଏସଡିପିଓ ରାଜୀବ ଲୋଚନ ପଣ୍ଡା ଓ ଶିବଶଙ୍କର ମହାପାତ୍ରଙ୍କ ସହ ସମସ୍ତ ଥାନା ଅଧିକାରୀ ଯୋଗ ଦେଇଥିଲେ।

# ଟିପିଏସ୍‌ଓଡିଏଲ ପକ୍ଷରୁ ଡିଜିଟାଲ ସାକ୍ଷରତା ଅଭିଯାନ



ଡିଜିଟାଲ ସାକ୍ଷରତା ଅଭିଯାନରେ ଅଂଶଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ।

**ବ୍ରହ୍ମପୁର,୭।୭ (ସ୍ମୃତି ରଞ୍ଜନ ମହାଲିକ)**

ଦକ୍ଷିଣ ଓଡିଶାରେ ବିଦ୍ୟୁତ ବିତରଣ ପାଇଁ ଟାଟା ପାୱାର ଓ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ ଡିଜିଟାଲ ସାକ୍ଷରତାରେ ଉନ୍ନତି ଆଣିବା ପାଇଁ ଏହାର ସମସ୍ତ ଲାଇସେନ୍ସ ପ୍ରାପ୍ତ ଅଞ୍ଚଳରେ ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଜରିଆରେ କମ୍ପାନୀ ଗ୍ରାମୀଣ ସଂପ୍ରଦାୟକୁ ଡିଜିଟାଲ କ୍ଷେତ୍ର ବିଷୟରେ ଅବଗତ କରୁଥିବା ବେଳେ ୨୫୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରିଛି। ଏହି ଅଭିଯାନରେ ବ୍ୟକ୍ତିଗତ ସାକ୍ଷାତ ଓ ଗ୍ରାମ ତଥା ବ୍ଲକ ସ୍ତରୀୟ ଦଳଗତ ବୈଠକ ଆୟୋଜନ କରି ଟିପିଏସଓଡିଏଲ ପ୍ରାୟ ୧ ହଜାର ଗ୍ରାମ ପଞ୍ଚାୟତରେ ୧୦ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଡିଜିଟାଲ ଲାଭ, ଅନଲାଇନ ପେମେଣ୍ଟ ବିକଳ୍ପ, ଡିଜିଟାଲ ପ୍ରୋତ୍ସାହନ, ସରକାରୀ ସ୍କିମ ଲାଭ ହାସଲ ଓ ଶିକ୍ଷଣୀୟ ବିଷୟ ବସ୍ତୁ ଉପରେ ସଚେତନ କରୁଛି। ଏ ନେଇ ଟିପିଏସ୍‌ଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି, ଆମ ଡିଜିଟାଲ ସାକ୍ଷରତା ଅଭିଯାନ ଜରିଆରେ ୨୫୦୦ରୁ ଅଧିକ ଏସ୍‌ଏଚଜି ସଭ୍ୟାଙ୍କୁ ସଶକ୍ତ କରିବାକୁ ଆମେ ଗର୍ବିତ। ଏହି ହିତାଧିକାରୀଙ୍କୁ ଡିଜିଟାଲ ଶିକ୍ଷଣୀୟ ସୁଯୋଗ ପ୍ରଦାନ କରି ଡିଜିଟାଲ ବୈଷମ୍ୟ ଦୂର କରିବା ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ସହର ରାସ୍ତାରେ ନର୍ଦ୍ଦମା ପାଣି

## ୩ ଘଣ୍ଟା ବର୍ଷାରେ ମିଳିଲା ଆଶ୍ୱସ୍ତି

**ବ୍ରହ୍ମପୁର,୭।୭ (ସ୍ମୃତି ରଞ୍ଜନ ମହାଲିକ)**

ପ୍ରାୟ ୩ ଘଣ୍ଟାର ବର୍ଷା ପରେ ବ୍ରହ୍ମପୁର ସହରବାସୀ ଗରମ ଓ ଗୁଳୁଗୁଳିରୁ କେତେକାଂଶରେ ଆଶ୍ୱସ୍ତି ଲାଭ କରିଛନ୍ତି। ଅନ୍ୟପଟେ ଏହି ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଡ୍ରେନ ପାଣି ସହ ମିଶି ରାସ୍ତାରେ ଜମିଛି। ଏପରିକି ଏହି ଆବର୍ଜନା ପାଇଁ କେତେକ ଘରେ ମଧ୍ୟ ପଶିଥିବା ଦେଖାଯାଇଛି।

ଶ୍ରାବଣରେ ଲଗାଣ ବର୍ଷା ପରିବର୍ତ୍ତେ ଅସହ୍ୟ ଖରା ଓ ଗୁଳୁଗୁଳି ଲାଗି ରହିଥିଲା। ଶୁକ୍ରବାର ପୂର୍ବାହ୍ନରେ ମଧ୍ୟ ଟାଣ ଖରା ହୋଇଥିଲା। ମଧ୍ୟାହ୍ନରେ ପାଗରେ ପରିବର୍ତ୍ତନ ହୋଇଥିଲା। ଅପରାହ୍ନ ୧ଟା ବେଳକୁ ଆକାଶ ମେଘାଛନ୍ନ ହୋଇ ଝିପଝିପ ବର୍ଷା ଆରମ୍ଭ ହୋଇଥିଲା। ପ୍ରାୟ ସାଢେ ୧ଟା ବେଳକୁ ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ପ୍ରାୟ ୩ ଘଣ୍ଟାଧରି ବର୍ଷା ଛେଚିଥିଲା। ଫଳରେ ଦିନର ତାପମାତ୍ରା ସାଙ୍ଗକୁ ରାତ୍ରିର ତାପମାତ୍ରାରେ ମଧ୍ୟ ପରିବର୍ତ୍ତନ ଘଟିଛି। ବର୍ଷା ଯୋଗୁ ଚାଷୀକୂଳରେ ଖୁସିର ଲହରି ଖେଳିଯାଇଛି। କାରଣ ପୂର୍ବରୁ ହେଉଥିବା ଖରାରେ ଜିଲାର ବିଭିନ୍ନ ଅଞ୍ଚଳର ଚାଷ ଜମିରେ ଗଜା ମରୁଡି ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ତଳି ପକା ପାଇଁ ପ୍ରସ୍ତୁତି ସରିଥିବା ବେଳେ ବର୍ଷା ଅଭାବରୁ ତଳି ପଡିପାରୁ ନ ଥିଲା। ଶୁକ୍ରବାରର ବର୍ଷା ତଳି ପକାଇବା ଲାଗି ସହାୟକ ହେବା ସହ ଗଜାମରୁଡି ଆଶଙ୍କା ଦୂର ହେବ ବୋଲି ଚାଷୀ କହିଛନ୍ତି। ସେପଟେ ଦୀର୍ଘ ସମୟ ବର୍ଷା ଫଳରେ ସାହିଗୁଡିକରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ନ ଥିବା ଦେଖାଯାଇଥିଲା। ନର୍ଦ୍ଦମା ପାଣି ରାସ୍ତା ଉପରେ ଜମି ରହିଥିଲା। ବିଶେଷକରି ସହରର ବିଜିପୁର, ନେହେରୁ ନଗର, ନୂଆ ବସଷ୍ଟାଣ୍ଡ, ଅଶୋକ ନଗର, କମାପଲୀ ପୋଖରୀ ପାର୍ଶ୍ୱ, ୨ ନଂ ୱାର୍ଡ, ଆସ୍କା ରୋଡ ଓ ସହରତଳି ଅଞ୍ଚଳ ଗୁଡିକରେ ନର୍ଦ୍ଦମା ପାଣି ମୁଖ୍ୟ ରାସ୍ତା ଉପରେ ଜମି ରହି ଯାତାୟତରେ ବାଧା ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ ଧରି ମୁଖ୍ୟ ରାସ୍ତା ଉପରେ ପାଣି ଜମି ରହିବା କାରଣରୁ ସାଧାରଣ ଜନତା କୌଣସି ଜରୁରୀକାଳୀନ ଯିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥିଲା। ଏପରିକି ପ୍ରେମ ନଗର ଓ ଧର୍ମ ନଗର ଅଂଚଳରେ ବର୍ଷା ପାଣି ଘରେ ପଶୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ବର୍ଷା ଦିନେ ମହାନଗର ନିଗମ ପକ୍ଷରୁ ବିଭିନ୍ନ ସାହିରେ ଡ୍ରେନେଜ କାର୍ଯ୍ୟ ଜାରି ରହିବା କାରଣରୁ ବର୍ଷା ଜଳ ନିଷ୍କାସନ ନ ହେବା ଆଉ ଏକ ମୁଖ୍ୟ କାରଣ ବୋଲି ଅଭିଯୋଗ ହୋଇଛି। ବର୍ଷା ପୂର୍ବରୁ ନିଗମ ପକ୍ଷରୁ ସମୂହ ସଫେଇ ଅଭିଯାନ କରାଯାଉଛି। କିନ୍ତୁ ସାମାନ୍ୟ ବର୍ଷାରେ ସାରା ସହର ନର୍ଦ୍ଦମା ପାଣିରେ ଉବୁଟୁବୁ ହେଉଛି। ଏଣୁ ଅଧପନ୍ତରିଆ ଡ୍ରେନ୍ କାର୍ଯ୍ୟ ଶୀଘ୍ର ସାରିବା ଓ ପୋତି ହୋଇଥିବା ନର୍ଦ୍ଦମା ସଫେଇ ପାଇଁ ଦାବି ହୋଇଛି।




ରାସ୍ତାରେ ଜମି ରହିଥିବା ନର୍ଦ୍ଦମା ପାଣି।

